# ସୌନ୍ଦର୍ଯ୍ୟଶାଳିନୀ 'ଚିଲିକା'

ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

**ନ**ଦୀ ସାଗର ବେଷ୍ଟିତ ଆମ ଓଡ଼ିଶା, ସକଳ ସଂପଦରେ ଭରା ତା'ର ଗନ୍ତାଘର । ତନ୍ମଧରେ ଗଂଜାମର ସୁବିସ୍ତୃତ ଦୀର୍ଘ ବେଳାଭୂମି, ତାଳ, ତମାଳ, ଆମ୍ର, ବକୁଳ ବନର କଳକଣ୍ଠ ରାଗିଣୀ କାକଳୀସ୍ୱନ, ନଦୀ ପାର୍ବତ୍ୟ ଉପତ୍ୟକା, କୁଳୁକୁଳୁ ନାଦିଦୀ ପର୍ବତାଧାର ଝରଣାର ମଧୁର ସଂଗୀତ ଉଷ୍ଣ ପ୍ରସବଣ, ହୀରା, ନୀଳା, ମୋତି ଓ ମାଣିକ୍ୟରୁ ବଳି ଏ ଅଞ୍ଚଳରେ ଉପଲବ୍ଧ ଖଣିଜ ସଂପଦ, ବିରଳ ମୃତ୍ତିକାର ଝୀନ ବାଲୁକାରାଶି, ଲବଣ, ଜଂଗଲ ଜାତ ସାମଗ୍ରୀ, କୃଷି, ମତ୍ସ୍ୟ ଓ ଜଳସଂପଦ ଓଡ଼ିଶାକୁ ଖାଦ୍ୟ ପାନୀୟ ଆଦି ସମସ୍ତ ଧନଧାନ୍ୟରେ ଭରି ଦେଇଛି । ଭାରତ ମାଆର ପୂର୍ବ-ଦକ୍ଷିଣରେ ଅବସ୍ଥିତ ଓଡ଼ିଶାର ପୂର୍ବ ଉପକୂଳ, ନୀଳ ବଙ୍ଗୋପସାଗରର ବେଳାଧାରକୁ ସ୍ପର୍ଶ କରିଛି ଅନ୍ୟ ଏକ ଅନନ୍ୟ ରୂପଗୁଣ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶାର କୂଳବଧୂ ନୀଳାମ୍ବୁ ଚିଲିକା । ବିଶ୍ୱର ଅନ୍ୟତମ ବିଶିଷ୍ଟ ପ୍ରାକୃତ ଓ ପ୍ରକୃଷ୍ଟ ହ୍ରଦ ଚିଲିକା ।

ହଜାର ହଜାର ବର୍ଷ ତଳରୁ କାହିଁ କେଉଁ ଦୀର୍ଘ ଅତୀତରେ ଭୂ-ପତନ ଫଳରେ ଗଣ୍ଡୱାନାଲ୍ୟାଣ୍ଡ ଭଳି ବିରାଟସ୍ଥଳ ଭାଗ ଭୂତଳକୁ ଖସିଯାଇ, ପୃଥିବୀ ବକ୍ଷରେ ମହାସାଗର ସବୁ ସୃଷ୍ଟି ହୋଇଥିଲା । ଏହି ଭୂ-ପତନ ପରେ ଭାରତର ପୂର୍ବ ଉପକୂଳରେ ଓଡ଼ିଶା କୂଳ ସଂଲଗ୍ନ ଏକ ଜଳଭାଗ ସ୍ଥଳଭାଗ ମଧ୍ୟକୁ ଅନୁପ୍ରବିଷ୍ଟ ହୋଇ ପରବର୍ତ୍ତୀ ସମୟରେ ସମୁଦ୍ରରୁ ବିଚ୍ଛିନ୍ନ ହୋଇପଡ଼ିଲା । ସେହି ବିଚ୍ଛିନ୍ନ ଜଳଭାଗ ଖଣ୍ଡିକ ହେଲା ଆମ ଗଂଜାମରୁ ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟନ୍ତ ପରିବ୍ୟାପ୍ତ ତଥା ଉତ୍କଳର ଭାଗ୍ୟଲକ୍ଷ୍ମୀ କାବ୍ୟ ଦେବୀ ଚିଲିକା । ଆମ ପାଇଁ ପ୍ରକୃତିର ଏକ ନୈସର୍ଗିକ ଉପହାର । ୧୯°୨୮'ରୁ ୧୯°୫୪' ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫°୦୬'ରୁ ୮୫°୩୫' ଡ୍ରିଗୀ ପୂର୍ବ ଦ୍ରାଘିମାରେ ଏସିଆ ମହାଦେଶର ସର୍ବ ବୃହତ୍ତମ ଏବଂ ପୃଥିବୀର ଏହି ପ୍ରକୃତି ଦତ୍ତ ସଂପତ୍ତି ଚିଲିକା ଜଳାଧାରର ଅବସ୍ଥିତି । କେତେକ ପୌରାଣିକ କିମ୍ବଦନ୍ତୀ ତଥା ଐତିହାସିକ ତଥ୍ୟାବଳୀରୁ ଦକ୍ଷିଣ ବଙ୍ଗୋପସାଗରରେ ଚିଲିକାର ଆବିର୍ଭାବ ସଂପର୍କରେ ଜାଣିବାକୁ ମିଳେ ଯେ, ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ସମୁଦ୍ରରେ ପଡ଼ି ସମୁଦ୍ରକୁ ଚକ୍ରଧାରରେ କାଟି ଦେବାରୁ ଚିଲିକା ଭଳି ଏକ ଜଳାଧାର ସମୁଦ୍ରରୁ ଅଲଗା ହୋଇ ଚିଲିକାର ସୃଷ୍ଟି ହେଲା ।



ଅନ୍ୟ ଏକ ମତରେ ହିନ୍ଦୁଧର୍ମ ବିଦ୍ୱେଷୀ ରକ୍ତବାହୁ ନାମକ ଜଣେ ଅତ୍ୟାଚାରୀ ଯବନ ୩୧୮ ଖ୍ରୀ:ରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ନଷ୍ଟ କରି ଦେବା ପାଇଁ ପୁରୀ ଆକ୍ରମଣ କଲା । ଯବନ ଭୟରେ ଠାକୁରମାନଙ୍କୁ କଳିଙ୍ଗ ସାଗର ଭିତରକୁ ନେଇ ଲୁଚାଇ ରଖିଲେ । ଯବନ ଏହି ସମ୍ବାଦ ପାଇ ସମୁଦ୍ରକୁ ଛିନ୍ନଛିନ୍ନ କରି କିଛି ଅଂଶକୁ ସମୁଦ୍ରଠାରୁ ଅଲଗା କରି ପକାଇଥିଲା । ପରବର୍ତ୍ତୀ କାଳରେ ସେହି ବିଚ୍ଛିନ୍ନ ଅଂଶତକ ହିଁ ଆଜିର ଚିଲିକା । କେତେକ ଐତିହାସିକ ଏହି ଯବନ ଆକ୍ରମଣର ସମୟକାଳ ୩୨୮ ଖ୍ରୀ: ବୋଲି ଧାର୍ଯ୍ୟ କରିଛନ୍ତି କିନ୍ତୁ ଟୋଲେମିଙ୍କ ସମେତ ଅନ୍ୟ କେତେକ ଐତିହାସିକ, ଚିଲିକା ଖ୍ରୀ:ପୂ: ୩୭୦ ଆଗରୁ ରହିଥିବା ମତପୋଷଣ କରିଛନ୍ତି । ଚିଲିକାର ସୃଷ୍ଟି ଅନ୍ୟୁନ ପାଞ୍ଚହଜାର ବର୍ଷ ତଳର ବୋଲି ସାମୁଦ୍ରିକ ବିଜ୍ଞାନୀ ଭୂତତ୍ତ୍ୱବିତ୍‌ମାନେ ପରୀକ୍ଷା ନିରୀକ୍ଷାରୁ ଜାଣିପାରିଛନ୍ତି । ଅତୀତରେ ବିଭିନ୍ନ ସମୟରେ ନଦୀ ମୁହାଣମାନଙ୍କରେ ଜଳପ୍ରବାହ ବେଳେ ପଂକ ଓ ବାଲୁକା ରାଶି ଜମା ହୋଇ କ୍ରମେ କ୍ରମେ ସମୁଦ୍ରର ନଦୀ ମୁଖ, ମୁହାଣ ପୋତି ହୋଇଯିବା ଅବା ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟାରୁ ସମୁଦ୍ରର ଜଳଭାଗ କିଛି ଦୂର ପଛକୁ ଘୁଞ୍ଚିଯିବା ବା ଏହିଭଳି କିଛି ଭୂ-ସ୍ଖଳନାଦି ବୈଜ୍ଞାନିକ ପ୍ରତିକ୍ରୀୟାରୁ ଆଜକୁ ଢେର କିଛିବର୍ଷ ପୂର୍ବେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୁଗ୍ଧ ଆମ କାବ୍ୟ କବି ମନଲୋଭା ଚିଲିକାର ସୃଷ୍ଟି, ଏହା ଯେ କେହି ସ୍ୱୀକାର କରିବେ । ଏହି ସମୁଦ୍ରାଂଶ ବିଚ୍ଛିନ୍ନ ଜଳଧାରର ନାମ ଯେ, ଚିଲିକା କାହିଁକି ହେଲା ସେ ସଂପର୍କରେ କେତୋଟି ମତ

ହେଲା, ଆର୍ଯ୍ୟ ମଂଜୁଶ୍ରୀ ମୂଳକଳ୍ପରେ ଓଡ଼ିଶାର ସମୁଦ୍ର ତଥା କଳିଙ୍ଗ ସାମ୍ରାଜ୍ୟ ଅଧିକୃତ ସମୁଦ୍ରକୁ କଳିଙ୍ଗ ସାଗର ତଥା କଳିଙ୍ଗ ସମ୍ରାଟଙ୍କୁ ମହୋଦଧିପତି କୁହାଯାଇଛି । ଏହି ସାଗରରୁ ବିଚ୍ଛିନ୍ନ ଜଳଭାଗକୁ ଚୋଲ, ଚୋଳକ ଚୂଳ କଳିଙ୍ଗ ତଥା ଚୂଳକାରୁ କାଳକ୍ରମେ ଚିଲିକା ହୋଇଥିବା ପ୍ରତୀତ । ଚୀନ ପରିବ୍ରାଜକ ହୁଏନ୍‌ସାଂ ୬୩୯ ଖ୍ରୀ:ରେ କନ୍ୟୋଧ (କଂଗୋଦ) ଦେଇ ଯାତ୍ରା କରିବାବେଳେ ସେ ତାଙ୍କ ବିବରଣୀରେ ଚେ-ଲି-ତା-ଲୋର ବର୍ଣ୍ଣନା କରିଛନ୍ତି । ଏହି ଚେଲିତା ଲୋ ଉଡ୍ର ଦେଶର ଦକ୍ଷିଣ-ପୂର୍ବ ସୀମାନ୍ତ ସମୁଦ୍ରକୂଳର ଏକ ପ୍ରଧାନ ବାଣିଜ୍ୟ ନଗରୀ ଥିଲା । ଏଠାରେ ଦେଶ ବିଦେଶାଗତ ବହୁ ବଣିକ (ସାଧବ) ସମବେତ ହୋଇ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ । ଏହି ସ୍ଥାନରୁ ଦୁଇଶତ ଲିଃ ଦକ୍ଷିଣ-ପଶ୍ଚିମକୁ ଅରଣ୍ୟ ପାରି ହେଲେ କନ୍ୟୋଧ ରାଜ୍ୟ । ଏହି ସମସ୍ତ ବିବରଣୀରୁ ଜଣା ଯାଏ ଯେ, ବିବଦମାନ ଚେ-ଲି-ତା-ଲୋ ଚିଲିକା ନିକଟସ୍ଥ ଏକ ଆନ୍ତର୍ଜାତିକ ବନ୍ଦର । ଚିଲିକା ହ୍ରଦର ନାମ ଏହି ଚେଲିତାଲୋ ଶବ୍ଦରୁ ହିଁ ସୃଷ୍ଟ । ଚୀନ ଭାଷାତତ୍ତ୍ୱବିତ୍ ଏଚ.ପି.ରେଙ୍କ ମଧ୍ୟ ଏହି ମତ । ଚିଲିକା ସହ ମହାନଦୀର ଅନ୍ୟତମା ଶାଖାନଦୀ ଦୟା, ଭାର୍ଗବି ଏବଂ ଋଷିକୁଲ୍ୟା ବାହୁଦାଦି ପୋତଗମ୍ୟ ନଦୀମାନଙ୍କ ସଂଯୋଜନା ଫଳରେ ଏହା ଦେଶ ଏବଂ ବିଦେଶରେ ବାଣିଜ୍ୟ କରିବା ପାଇଁ ଶ୍ରେଷ୍ଠ ଏକ ବନ୍ଦର ଭାବେ କାର୍ଯ୍ୟ କରିପାରୁଥିଲା । ଚିଲିକାକୁ ଚେଲିତାଲୋ ବନ୍ଦରର ପ୍ରାସଙ୍ଗିକତାକୁ ବ୍ରହ୍ମପୁର ନିକଟସ୍ଥ ସମୁଦ୍ର ଉପକୂଳର ଛେଳିଆ-ତୁଳୁ ଆଦି ପ୍ରାକ୍ତନ ଗ୍ରାମ, ସିଦ୍ଧଭୈରବୀ ପୀଠ, ଗଂଜାମ ପାଲୁର ଏବଂ ଭୈରବୀ ସନ୍ନିକଟ ପାଲୁର ଅଂଚଳର ଅବସ୍ଥିତି ସହ ମନ୍ତ୍ରିଡ଼ି ମଂଜୁଷା ଆଦି ଅଂଚଳରେ ରହିଥିବା ସାଧବ-ସାହୁକାରମାନଙ୍କ ବୋଇତ ବଣିଜ, ସମୁଦ୍ରଦେବୀ ମା ମଂଗଳାଙ୍କ ପାରମ୍ପରିକ ପୂଜାବିଧି ଯାତ୍ରା ଉତ୍ସବ, ଚିତାଝୋଟି ଆଦି ଋଦ୍ଧିମନ୍ତ କରୁଛି ।



ଚିଲିକାର ନାମକରଣରେ ଅନ୍ୟ କେତେକ ଯଥାର୍ଥତା ହେଲା ଏହି ହ୍ରଦରେ ଚିଲି ନାମକ ମାଛ ପ୍ରଚୁର ରହିଥିବାରୁ ଏହାର ନାମ ଚିଲିକା । ଚିଲ ପକ୍ଷୀମାନଙ୍କର ବାସସ୍ଥାନ ଯୋଗୁଁ ଚିଲିକା । ଆଉ କେତେକ କହନ୍ତି ଏହି ଜଳାଧାରର ଆକାର ଚିଲି ବା ଭୂଲତା ଭଳି ହୋଇଥିବାରୁ ଏହା ଚିଲିକା ନାମଧାରଣ କରିଛି । ଚିଲିକାର ନାମ ପୃଥବୀର ବିଖ୍ୟାତ ଗାଣିତିକ ଜ୍ୟୋତିର୍ବିଦ୍ ତଥା ଭୌଗଳିକ କ୍ଲଡିଅସ୍ ଟୋଲମିଅସ୍ ଦ୍ୱିତୀୟ ଶତାବ୍ଦୀରେ ପ୍ରସ୍ତୁତ ତାଙ୍କ ଭୂଚିତ୍ର ଗ୍ରନ୍ଥ ଚିଲିକା ସଂଲଗ୍ନ ପାଲୁରୁକୁ ଏକ ପ୍ରସିଦ୍ଧ ବନ୍ଦର ରୂପେ ବର୍ଣ୍ଣନା କରିଥିବାର ଐତିହାସିକ ତଥ୍ୟ ରହିଛି କିନ୍ତୁ ଚିଲିକାର ବର୍ଣ୍ଣନା ତାଙ୍କ ବର୍ଣ୍ଣନାରେ ନାହିଁ । ଏହି ବିବରଣୀ ସହ ଚିଲିକା କୂଳ ମାଣିକ ପାଟଣା ଗ୍ରାମର ଉତ୍‌ଖନନରୁ ମିଳିଥିବା କେତେକ ନିଦର୍ଶନ, କଳିଙ୍ଗ ଅତୀତରେ ନୌ-ବାଣିଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବାର ପ୍ରମାଣ ଦିଏ । ପଂଚଦଶ ଶତାବ୍ଦୀର କାଂଚି ଅଭିଯାନର ସ୍ମୃତି ସହ ବିଜଡ଼ିତ ମାଣିକ-ପାଟଣା କଳିଙ୍ଗ ବୀର ପାଇକମାନଙ୍କ ଥାଟଯାତ୍ରା ପଥ ଭାରତରେ ନୌବାଣିଜ୍ୟର ଏକ ପ୍ରମୁଖ ଦ୍ୱାର ଭାବରେ ଚିଲିକାକୁ ଚିହ୍ନିତ କରିଛି । ୧୯୮୯ରୁ ଆରମ୍ଭ ହୋଇଥିବା ଏହି ଭୂଖନନରୁ ମିଳିଛି ରୋମ, ଚୀନ ଦେଶର ମୁଦ୍ରା, କୁଶାଣ ମୁଦ୍ରା ବିଭିନ୍ନ ପାତ୍ରର ଭଗ୍ନାଂଶ, ଜାଭା ସିଂହଳ ଦେଶର କଳିଙ୍ଗ ବଂଶୀୟ ଲଙ୍କାଧିପତି ସାହାସ ମଲ୍ଲଙ୍କର ପ୍ରାଚୀନ ମୁଦ୍ରା । ଖପରା, ଆମ୍ଫେରା, ରୋମୀୟ ପାତ୍ରର ଅନୁକୃତି, ମାଟିପାତ୍ର ଏବଂ ଯୁରୋଷ୍ଟି ଅଭିଲେଖ ଇତ୍ୟାଦି । ଏହିସବୁ ଆବିଷ୍କୃତ ପ୍ରାଚୀନ ବସ୍ତୁଗୁଡ଼ିକ ପ୍ରାୟତଃ ପ୍ରଥମ ଶତାବ୍ଦୀରୁ ଚତୁର୍ଥ ଶତାବ୍ଦୀ ମଧ୍ୟର ହୋଇଥିବା ଐତିହାସିକମାନେ କୁହନ୍ତି । ଏହାସହ ଏହି ଭୂଖନନରୁ ଚୀନ ତାମ୍ରମୁଦ୍ରା ଓ ମାଟିପାତ୍ର ବହୁଳ ସଂଖ୍ୟାରେ ପ୍ରାପ୍ତ ହେଉଥିବାରୁ କଳିଙ୍ଗ ସହ ଚୀନର ପୂର୍ବ-ପଶ୍ଚିମ ଦେଶ ସହ ଏହି ପୋତାଶ୍ରୟର ବାଣିଜ୍ୟିକ ସଂପର୍କ ଅତୀତରେ ରହିଥିବା ପ୍ରମାଣ ମିଳେ । ପୁରୀ କୁଶାଣ ମୁଦ୍ରା ଓ କେତେକ ଖୋଦିତ ଲିପି ମଧ୍ୟ ଏଠାରୁ ମିଳିଛି । ଆଲେକଜାଣ୍ଡର କନିଂହାମ ସି. ଲିତାଲୋକୁ ଯେଉଁ ଶ୍ରୀକ୍ଷେତ୍ର ବା ପୁରୀ ବୋଲି ଚିହ୍ନଟ କରିଛନ୍ତି ତାହା ପ୍ରକୃତରେ ପୁରୀଠାରୁ ଅଳ୍ପ ଦୂରରେ ଅବସ୍ଥିତ ଏହି ମାଣିକପାଟଣା ଗ୍ରାମ, ହୁଏନ୍‌ସାଂଙ୍କ ବିବରଣୀରେ ଦର୍ଶାଯାଇଥିବା ଚେଲିତାଲୋ ଉଡ୍ର ତଥା ଓଡ୍ର ଦେଶର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଯାହାକି ଶ୍ରୀକ୍ଷେତ୍ର ପୁରୀ ଯାଏ ବ୍ୟାପ୍ତ ଥିଲା । ଚିଲିକାର ମାଣିକପାଟଣାରସ୍ଥିତି ମଧ୍ୟ ଠିକ୍ ଏହି ଓଡ୍ର ଦେଶର ଦକ୍ଷିଣ-ପୂର୍ବରେ । ଏଣୁ ଏହି ମାଣିକପାଟଣା ହିଁ ହୁଏନ୍‌ସାଂ ବର୍ଣ୍ଣିତ ଚେଲିତାଲୋ ।

ଅତୀତରେ ଚେଲିତାଲୋ ତଥା ଚିଲିକା ଅଂଚଳ ଥିଲା ଏକ ଆନ୍ତର୍ଜାତିକ ନଗର ଓ ସମୁଦ୍ର ଅନ୍ତର୍ଭୁକ୍ତ ଚିଲିକା ଥିଲା ଏକ ସୁବିଦିତ ପୋତାଶ୍ରୟ ଏବଂ ପାଲୁର ଥିଲା ଏକ ଆନ୍ତର୍ଜାତିକ ବନ୍ଦର, ଯାହାକି

ଉତ୍ତରର ଚିଲିକାଠାରୁ ରଷିକୁଲ୍ୟାର ଦକ୍ଷିଣରେ ବାହୁଦାନଦୀ ମୁହାଣ ସମୀପସ୍ଥ ସୋରଳା ସୋନପୁରର ଚିଲିକାରେ ମିଶି ଆହୁରି ଦକ୍ଷିଣକୁ ବାରୁଆରେ ମହେନ୍ଦ୍ର ତନୟା ବଂଶଧାରା ଆଦି ଅତୀତ ଯୁଗର ପ୍ରସିଦ୍ଧ ନୌବାଣିଜ୍ୟକାରୀ ପୋତ ବାହୀ ନଦୀମାନଙ୍କ ଯାଏ ବ୍ୟାପ୍ତ ଥିଲା । ଯାହାର କିଛି ଅଂଶ - ବାରରୁ ପନ୍ଦର କି.ମି. ପ୍ରଶସ୍ଥ ଏବଂ ଚିଲିକାଠାରୁ ପଚାଶ କି.ମି. ଦୈର୍ଘ୍ୟର ଜଳାଧାର- ଏବେ ବି ତାଂପରା ବା ପାଟ ନାମରେ ଖ୍ୟାତ ହୋଇ ରହିଛି । ଅତୀତରେ ଏହି ବିସ୍ତୃତ ପୋତାଶ୍ରୟ ତଥା ବନ୍ଦରଟି ମଧ୍ୟଯୁଗରେ ଚିଲିକା, ପାଲୁରୁ, ଗଂଜାମ, ଗୋପାଳପୁର (ମନସୁରକୋଟା), ମନ୍ତ୍ରିଡ଼ି, ସୋଉଳା ସୋନାପୁର, ବାରୁଆ ଆଦି ବିଭିନ୍ନ ବନ୍ଦର ନାମରେ ମୂଳ ବନ୍ଦରରୁ ଛିନ୍ନ ହୋଇ କିଛି ଦିନ ଯାଏ କାର୍ଯ୍ୟ କରି ଆସୁଥିଲା । କିନ୍ତୁ ପରବର୍ତ୍ତୀ ଦିନମାନଙ୍କରେ ସଂଲଗ୍ନ ନଦୀ, ବକ୍ଷ ଓ ମୁହାଣମାନଙ୍କରେ ମୃତ୍ତିକା କ୍ଷୟ ଜନିତ ପଟୁମାଟି ପୋତି ହୋଇଯିବା ଫଳରେ ଏବଂ ରେଳ ଓ ସ୍ଥଳ ପଥର ବିକାଶ ହେବାରୁ ନଦୀ ବନ୍ଦରଭିତ୍ତିକ ବାଣିଜ୍ୟ କ୍ରମଶଃ ଲୋପ ପାଇ ବସିଲା । ପ୍ରଥମ ଶତାବ୍ଦୀରେ ଲିଖିତ ଟୋଲେମିଙ୍କ ପେରିପ୍ଲସ୍ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ, କଳିଙ୍ଗର ଏହିସବୁ ବନ୍ଦରମାନଙ୍କରୁ ହାତୀ ଦାନ୍ତ ଓ ସୂକ୍ଷ୍ମ ବସ୍ତ୍ର ମୁଖ୍ୟତଃ ରପ୍ତାନୀ କରାଯାଉଥିଲା । ବାଲୁଗାଁ ନିକଟସ୍ଥ ଚିଲିକା କୂଳରେ ଦୀପଆଡ଼ିଆ ପାହାଡ଼, ଭୈରବୀ ସମ୍ମୁଖର ପାଲୁରୁ ପର୍ବତ ସହ ଇଚ୍ଛାପୁର ଓ ମହେନ୍ଦ୍ରର ପର୍ବତର ପର୍ବତମାନଙ୍କରେ ବୋଇତମାନଙ୍କୁ ରାତ୍ର ଦିଗନିର୍ଣ୍ଣୟ ପାଇଁ - ବଡ଼ବଡ଼ ପ୍ରସ୍ତରର ଦୀପ ଦଣ୍ଡିମାନ ସୁଉଚ୍ଚ ବତୀ ଘରର କାର୍ଯ୍ୟ କରୁଥିଲା । ରାଜ୍ୟରେ ମୁକ୍ତା ଏବଂ କଉଡ଼ି ବହୁ ପୁରାତନ କାଳରୁ ବିନିମୟ ମୁଦ୍ରା ଭାବରେ ପ୍ରୋକ୍ତ ବାଣିଜ୍ୟ କାରବାରରେ ବ୍ୟବହାର କରାଯାଉଥିବା ହୁଏନ୍‌ସାଂଙ୍କ ବିବରଣୀରୁ ଜାଣିବାକୁ ମିଳେ । ପ୍ରସିଦ୍ଧ ପାଲୁର ବନ୍ଦର ସଂଲଗ୍ନ ଏହି ସାଗର ବିକ୍ଷିପ୍ତ ଜଳଖଣ୍ଡର ଚିଲିକା ନାମ ପାଲୁରୁ ବନ୍ଦରର ପ୍ରସିଦ୍ଧି ଥିବା ଯାଏ ମାନଚିତ୍ରରେ ଦେଖିବାକୁ ମିଳେ ନାହିଁ । ଏ ସଂପର୍କରେ ନନ୍ଦଲାଲ ଦେ'ଙ୍କର ଜିଓଗ୍ରାଫିକାଲ ଡିକସ୍‌ନାରୀ ଅଫ୍ ଏନିସେଣ୍ଟ ଏଣ୍ଡ ମିଡିଆଭାଲ୍ ଇଣ୍ଡିଆ ପୁସ୍ତକରେ ଚିଲିକାର ନାମ ଉଲ୍ଲେଖ କରି ଲେଖିଛନ୍ତି ଯେ, ଦାକ୍ଷିଣାତ୍ୟ ମାଳଭୂମିର ପୂର୍ବଉପକୂଳରେ ଚିଲିକା ହ୍ରଦ ଅବସ୍ଥିତ । ଏକ ଦୀର୍ଘ ବାଲୁକାବନ୍ଧ ଏହାକୁ ବଙ୍ଗୋପସାଗରରୁ ପୃଥକ୍ କରେ । ଚିଲିକାର ଏହି ଜଳଭାଗର ଦୃଶ୍ୟାବଳୀ ଅତୀବ ରମଣୀୟ । ଓଡ଼ିଆ ମହାଭାରତର ବନପର୍ବରେ 'ଗଜକଚ୍ଛପଯୁଦ୍ଧ' ଅଧ୍ୟାୟରେ ବର୍ଣ୍ଣନା ମିଳେ ଯେ, ଯୁଦ୍ଧରୁ ଭୂପତନ ତାଳେକ ଗଭୀର ହୋଇପଡ଼ିଲା ଏବଂ ସେଥିରେ ଜଳପୂର୍ଣ୍ଣ ହୋଇଗଲା । ଏହି ଅଂଚଳ ମହୋଦଧିର ଦକ୍ଷିଣ ପ୍ରାନ୍ତରେ ଚିଲିକା ରୂପେ ପରିଚିତ ହେଲା । ଓଡ଼ିଶା ଜିଲ୍ଲା ଗେଜେଟିୟର ପୁରୀ ଜିଲ୍ଲାଖଣ୍ଡରେ ଉଲ୍ଲେଖ ଅଛି ଯେ, ଚିଲିକା ଏକଦା ସମୁଦ୍ରର ଅଂଶ ବିଶେଷ ଥିଲା ଏବଂ ଉତ୍ତରାଭିମୁଖୀ ସାମୁଦ୍ରିକ ଜୁଆର ଦ୍ୱାରା ଅବକ୍ଷିପ୍ତ ଏକ ବାଲୁକାବନ୍ଧ ମହାନଦୀ ଆନୀତ ପଟୁସ୍ତୂପ ପର୍ଯ୍ୟନ୍ତ ଗଠିତ ହୋଇ ସମୁଦ୍ରରୁ ବିଚ୍ଛିନ୍ନ ହେଲା । ୧୭୯୪ ଖ୍ରୀ:ରେ କ୍ରମ ପ୍ରକାଶିତ ଭାରତ ମାନଚିତ୍ରରେ ଚିଲିକାର ନାମ ସ୍ଥାନ ପାଇଥିବା ଦେଖାଯାଏ । ଚିଲିକାର ସମସ୍ତ ଉପକୂଳ ଏବଂ ଦନ୍ତପୁର ବନ୍ଦର କଂଗୋଦ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । କଂଗୋଦ ରାଜଧାନୀ ବଂକାଡ଼ଗଡ଼ ଚିଲିକାକୂଳ ବାଲୁଗାଁଠାରୁ ପଚାଶ କି.ମି. ଦୂରରେ ବାଣପୁରର ମାଳ ଅଂଚଳରେ ଅବସ୍ଥିତ । କଂଗୋଦରେ ଶାସନ କରୁଥିବା ଶୈଳୋଦ୍ଭବୀ ରାଜା ମାଧବ ରାଜାଙ୍କର ଗଂଜାମ ତାମ୍ର ଫଳକରେ ଉଲ୍ଲେଖ କରାଯାଇଛି 'ଚତୁର ଦଧି ସଲିଳ ବିଚିମେଖଳା ନୀଳିମାୟାଂ ସଦୀପ ଗିରିପତ୍ତନ ବାତ୍ୟା ବସୁନ୍ଧବୟମ୍ ।' ଏହି ପ୍ରଶସ୍ତିରୁ ଜଣାପଡ଼େ, କଂଗୋଦ ରାଜ୍ୟର ଶୈଳୋଦ୍ଭବ ଶାସକମାନଙ୍କର ବିଚିମେଖଳା ପରିହିତା ସୁନୀଳ ସାଗର ବକ୍ଷରେ ପ୍ରତିଷ୍ଠିତ ଦ୍ୱୀପମାନଙ୍କ ଉପରେ ପ୍ରଭାବ ଅକ୍ଷୁଣ୍ଣ ଥିଲା । ଏଣୁ ବଙ୍କାଡ଼ଗଡ଼ରୁ ଏହି ଶୈଳୋଦ୍ଭବୀ ରାଜାମାନଙ୍କର ଶାସନର ଅବସାନ ପରେ ସେମାନେ ପାଲୁର ବା ଦନ୍ତପୁର ବନ୍ଦର ଦେଇ ପୂର୍ବ ଦ୍ୱୀପପୁଂଜ ମାଲେସିଆକୁ ପଳାୟନ କରିଥିଲେ । ସେଠାରେ ଶୈଳେନ୍ଦ୍ର ନାମରେ ପରିଚିତ ହୋଇ ଉତ୍କଳର ପ୍ରାଚୀନ ଐତିହ୍ୟର ଭିତ୍ତି ସ୍ଥାପନ କରିଥିଲେ । ଚିଲିକା ଉପକୂଳ ଅଂଚଳରେ ଶୈଳୋଦ୍ଭବୀ ଶାସକ ମାଧବ ରାଜା ଦ୍ୱିତୀୟଙ୍କ ପୁରୀ ତାମ୍ରଫଳକ ବର୍ଣ୍ଣିତ ମାତୃ ଚନ୍ଦ୍ର ପୀଟକ (ଚନ୍ଦ୍ରାପୁଟ), ଅରହନ୍ (ରାହାଣବେଲି), ଜନପଦ ବ୍ୟତୀତ ଥୋରଣ (ସୋରଣ), ଅଲତା ଲଂଘପୁର (ଲୋଙ୍ଘର), ଜଳପଡ଼ା (ଜରିପଡ଼ା), କୁମ୍ଭାର ପଦ୍ରକ (କୁମ୍ଭାରପଡ଼ା) ପ୍ରଭୃତି ଜନପଦମାନ ଗଢ଼ି ଉଠିଥିଲା । ଏବେବି ଚିଲିକା ଉପକୂଳ ଜଳ ବିହାରୀ ନୌକା ଚାଳନା ଅଭିଜ୍ଞ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଅଧ୍ୟୁଷିତ ଗ୍ରାମମାନଙ୍କ ଦ୍ୱାରା ପରିବେଷ୍ଟିତ । ଐରବଂଶୀୟ ସମ୍ରାଟ ଖାରବେଳଙ୍କ ପରେ କଳିଙ୍ଗର ଲୋକେ ଭାରତୀୟ ସଂସ୍କୃତିକୁ ସମୁଦ୍ର ମଧ୍ୟସ୍ଥ ଦ୍ୱୀପମାନଙ୍କରେ ପରିବ୍ୟାପ୍ତ କରିଥିବାର ଇତିହାସରୁ ଜାଣିବାକୁ ମିଳେ । ବ୍ରହ୍ମାଣ୍ଡ ପୁରାଣରେ ଚିଲିକାରେ ସହସ୍ର ପୋତ ଭାସମାନ ହେଉଥିବା (ଚିଲିକା ହ୍ରଦେ ସହସ୍ରଂ ତୁ ସୁପୋତାଃ ଜଳଗାମିନଃ) କଥା ବର୍ଣ୍ଣିତ, ଜାଭା, ମଳୟ, ସିଂହଳ, ଗଂଗାସାଗର ଓ ଚୀନ ଦେଶକୁ ପୋତମାନ ଯାତ୍ରା କରୁଥିବା କଥା ମଧ୍ୟ ଏହି ପୁରାଣରେ ଅଛି । ଏହିସବୁ ତଥ୍ୟରୁ ଚିଲିକାରେ ପ୍ରାଚୀନ କଳିଙ୍ଗ ତଥା ଉତ୍କଳର ନୌବାଣିଜ୍ୟ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ବହୁପୂର୍ବରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀର ଶେଷ ଯାଏ ଚଳି ଆସୁଥିବାର ଯଥେଷ୍ଟ ପ୍ରମାଣ ମିଳୁଛି ।

ଆସିକା ବିଜ୍ଞାନ ମହାବିଦ୍ୟାଳୟ
ଆସିକା, ଗଂଜାମ - ୭୬୧୧୧୧